# ପଞ୍ଚାୟତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ଜୟନଗର

सा विद्या या विमुक्तये

ESTD-1974

## ସୁବର୍ଣ୍ଣ ଜୟନ୍ତୀ ସମାରୋହ-୨୦୨୫

## ମାନପତ୍ର



### ସମ୍ମାନନୀୟ ଗୁରୁଦେବ ଫକୀର୍ ମୋହନ ନାୟକ ମହୋଦୟ

### ଜୟନଗର, ରାଜକନିକା, କେନ୍ଦ୍ରାପଡ଼ା

ମହାଶୟ,

ବହୁଗୁଣ ସମ୍ପନ୍ନ, ମାର୍ଜିତ ଆଚାର, ବିଚାର, ବ୍ୟବହାର ଓ ଅଧ୍ୟାପନା ଏ ସମାଜରେ ଆପଣଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଛି । ଆପଣ ତା ୧୯୭୫ ମସିହା ମଇ ମାସ ୧୬ ତାରିଖରେ ପଂଚାୟତ ଉଚ୍ଚବିଦ୍ୟାଳୟରେ ଯୋଗଦେଇ ଜଣେ ସ୍ଥାପକ ଶିକ୍ଷକଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ପରବର୍ତ୍ତୀ ସମୟରେ ପ୍ରଧାନ ଶିକ୍ଷକ ଦାୟିତ୍ୱ ତୁଲାଇ ନିଜର ନିଷ୍ଠା ଓ କର୍ତ୍ତବ୍ୟ ପରାୟଣର ଚରମ ପାରାକାଷ୍ଠା ପ୍ରଦର୍ଶନ ପୂର୍ବକ ଛାତ୍ରଛାତ୍ରୀମାନଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ । ଆପଣଙ୍କର ୩୬ ବର୍ଷର ଦିପ୍ତୀମୟ ସେବା ଆଜି ପଂଚାୟତ ନୋଡ଼ାଲ ଉଚ୍ଚବିଦ୍ୟାଳୟକୁ ନୀତି ଓ ଆଦର୍ଶର ରାସ୍ତାରେ ଚାଲିବାର ପ୍ରେରଣା ଯୋଗାଇଛି । ଏକ ଝାଟିମାଟିରୁ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟଟି ଆପଣଙ୍କ ସ୍ପର୍ଶରେ ଏକ ସୁଦୃଶ୍ୟ ବିଦ୍ୟାଳୟରେ ପରିଣତ ହେବା ସହିତ ସମଗ୍ର ଅଂଚଳର ଛାତ୍ରଛାତ୍ରୀମାନଙ୍କୁ ଜ୍ଞାନ ବିଚ୍ଛୁରିତ କରିଚାଲିଛି । ଆପଣଙ୍କ ସମର୍ପଣ ଭାବ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ଏହା ସମ୍ଭବ ହୋଇପାରିଛି । ଜଣେ ଛାତ୍ରବତ୍ସଳ ଶିକ୍ଷକଭାବେ ଆପଣ ବେଶ୍ ପରିଚିତ । ଏକାଧାରାରେ ଶିକ୍ଷା, ସାହିତ୍ୟ, କଳା, ପ୍ରଶାସନିକ ଦକ୍ଷତା ଓ ଗଠନମୂଳକ ଚିନ୍ତାଧାରା କ୍ଷେତ୍ରରେ ଆପଣଙ୍କ ସଂପୃକ୍ତି ଆପଣଙ୍କ ଜୀବନଧାରାକୁ କରିଛି ଦୀପ୍ତିମନ୍ତ । ଏ ଅଂଚଳର ସମସ୍ତ ସୃଜନଶୀଳ କାର୍ଯ୍ୟକ୍ରମରେ ଆପଣଙ୍କ ଅମୂଲ୍ୟ ଭୂମିକା ଦୃଶ୍ୟମାନ ।

ଆଜିର ଏହି ମହାର୍ଘ ମୁହୂର୍ତ୍ତରେ ପଂଚାୟତ ନୋଡ଼ାଲ ଉଚ୍ଚବିଦ୍ୟାଳୟର **ସୁବର୍ଣ୍ଣ ଜୟନ୍ତୀ-୨୦୨୫** ଅବସରରେ ଆପଣଙ୍କ ଭଳି ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରି ଆମେ ଗୌରାବାନ୍ୱିତ ମନେ କରୁଛୁ । ଜଗତରନାଥ ପରମ କାରୁଣିକ ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଚଲାପଥକୁ କୁସୁମିତ କରନ୍ତୁ ଏହା ହିଁ ଆନ୍ତର ପ୍ରାର୍ଥନା ।

ବନ୍ଦେ ଉତ୍କଳ ଜନନୀ । ଜୟ ଜଗନ୍ନାଥ ।

ସଭାପତି | ମୁଖ୍ୟ ଅତିଥି | ସମ୍ପାଦକ

# ପଞ୍ଚାୟତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ଜୟନଗର

## ସୁବର୍ଣ୍ଣ ଜୟନ୍ତୀ ସମାରୋହ-୨୦୨୫

## ମାନପତ୍ର



### ସମ୍ମାନନୀୟ ସାହିତ୍ୟାଚାର୍ଯ୍ୟ ଶ୍ରୀଯୁକ୍ତ ପ୍ୟାରୀମୋହନ ସାଇଁ ମହୋଦୟ

ଗ୍ରାମ : ଆୟତନ, ଭାୟା : ରାଜକନିକା, ଜିଲ୍ଲା : କେନ୍ଦ୍ରାପଡ଼ା, ଓଡ଼ିଶା : ୭୫୪୨୨୦

ଆପଣଙ୍କ କରକମଳରେ ବିନମ୍ର ପ୍ରଣାମ !

ସୁବର୍ଣ୍ଣ ଜୟନ୍ତୀର ସ୍ୱର୍ଣ୍ଣ ଅବସରରେ ଏଇ ମାନପତ୍ର ମାଧ୍ୟମରେ ଆପଣଙ୍କର ଶିକ୍ଷା ପ୍ରତି ଅତୁଳନୀୟ ଅବଦାନକୁ କୃତଜ୍ଞତା ଜ୍ଞାପନ କରୁଛୁ । ଏହା ଆମ ପାଇଁ ଏକ ଗୌରବର ବିଷୟ । ସଂସ୍କୃତ ଭାଷାରେ ଆପଣଙ୍କର ଗଭୀର ଜ୍ଞାନ ଓ ନିପୁଣତା କେବଳ ପଂଚାୟତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ନୁହେଁ ବରଂ ସମଗ୍ର ଓଡ଼ିଶାରେ ସଂସ୍କୃତ ସାହିତ୍ୟକୁ ଜୀବନ୍ତ ଓ ପ୍ରମୁଖ କରିବାରେ ଏକ ଦୃଢ଼ ସ୍ତମ୍ଭଭାବେ ପ୍ରେରଣା ଯୋଗାଇଛି ।

ଆପଣ ତା ୧୬ ଫେବ୍ରୁଆରୀ ୧୯୭୭ ମସିହାରେ ସଂସ୍କୃତ ଶିକ୍ଷକ ଭାବେ ପଂଚାୟତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ନିଜର ଶିକ୍ଷକତା ଆରମ୍ଭ କରିଥିଲେ ଓ ପରେ ତା ୨୯ ମଇ ୨୦୦୦ ମସିହାରେ କନିକା ଉଚ୍ଚ ବିଦ୍ୟାଳୟର କାର୍ଯ୍ୟଭାର ସମ୍ଭାଳିଥିଲେ ଓ ସେହି ବିଦ୍ୟାଳୟରୁ ଏକ ଦୀର୍ଘ ଜୀବନର ଶିକ୍ଷାଦାନ ପରେ ଚାକିରୀ ଜୀବନରୁ ବିରତି ନେଇଥିଲେ ।

ଶିକ୍ଷକତା ଓ ସମାଜସେବା ଆପଣଙ୍କ ପ୍ରତିଭାର ଆଉ ଏକ ଦିଗ । ସାହିତ୍ୟ ସାଧନା କ୍ଷେତ୍ରରେ ଆପଣ ଅନେକ ସ୍ଥାନରେ ସମ୍ମାନୀତ ହୋଇଛନ୍ତି । ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବରେ ଆପଣ ଖୁବ୍ ପରିଚିତ । ଏକାଧାରରେ ସାହିତ୍ୟ, ଶିକ୍ଷା ଓ ସମାଜସେବାକୁ ପାଥେୟ କରି ନିଜ ଜୀବନର ଚଲାପଥକୁ ପୁଷ୍ପିତ କରିବା ସହ ସମାଜ ପାଇଁ ଏକ ନୂତନ ପଥ ପ୍ରଦର୍ଶକ ସାଜି ପାରିଛନ୍ତି । ଏତଦ୍‌ବ୍ୟତୀତ ବିଭିନ୍ନ ପ୍ରକାର ଜନମଙ୍ଗଳ କାର୍ଯ୍ୟକ୍ରମରେ ଭାଗ ନେଇ ସମାଜସେବାରେ ଆପଣଙ୍କ ସ୍ୱକୀୟତାର ଛାପ ଛାଡ଼ିଛନ୍ତି । ଆପଣଙ୍କ ଦ୍ୱାରା ରଚିତ ପୁସ୍ତକମାନ ଶିକ୍ଷା ଜଗତରେ ପ୍ରେରଣାର ମୂକସାକ୍ଷୀ ସାଜିଛି । ଆପଣଙ୍କର କିଛି ପ୍ରମୁଖ ପୁସ୍ତକଗୁଡ଼ିକ ହେଲା-୧.ସରଳ ସଂସ୍କୃତ ବ୍ୟାକରଣ ଦର୍ପଣ ୨.ସଂସ୍କୃତ ଗୌରବ ପ୍ରଶ୍ନୋତ୍ତରୀ ୩. ଆସ ଜାଣିବା ମହାପୁରୁଷଙ୍କ ମହତବାଣୀ ୪.ଓଡ଼ିଆ ପଦ୍ୟାଗାର ୫.ନିତି ଶ୍ଳୋକାର୍ଥ ସାଗର ୬.ମନୁସଂହିତା ଶତକମ୍ ୭. ସଂସ୍କୃତାନୁବାଦ ଓ ବ୍ୟାକରଣ ୮.ଆପଣଙ୍କ ବିଚାର ଆପଣଙ୍କ ନିୟତି ୯.ଓଡ଼ିଆ ଶବ୍ଦବୋଧ (ପ୍ରକାଶ ଅପେକ୍ଷାରେ) । ଏହି ଐଶ୍ୱର୍ଯ୍ୟପୂର୍ଣ୍ଣ ଗ୍ରନ୍ଥଗୁଡ଼ିକ ଏକ ସାଂସ୍କୃତିକ ଓ ଶିକ୍ଷାଗତ ସମୃଦ୍ଧି ଭାବରେ ଆପଣଙ୍କର ଜୀବନ ଭରିଛି । ଆପଣ ଜଣେ ଚିରକାଳୀନ ଗୁରୁ ଯିଏ ଛାତ୍ରମାନଙ୍କୁ ଶିକ୍ଷା ପ୍ରଦାନ ସହିତ ମନୁଷ୍ୟତା ଓ ନୈତିକତା ବିଷୟରେ ପ୍ରେରଣା ଦେଇଥା'ନ୍ତି । ଆପଣଙ୍କ ସଂଗୀତ ପ୍ରେମ, ସଂଗୀତରେ ରୁଚି ଓ ନିପୁଣତା ଆପଣଙ୍କୁ ଏକ ବହୁମୁଖି ପ୍ରତିଭାର ଶ୍ରେଷ୍ଠତା ଦେଇଛି । ଏହି ବିଦ୍ୟାଳୟ ଆପଣଙ୍କୁ ଏକ ମୂଳସ୍ତମ୍ଭ ଭାବେ ଯୁଗେ ଯୁଗେ ମନେ ରଖିବ । ଆପଣଙ୍କର ଶୁଭଦୃଷ୍ଟି ଓ ଆଶୀର୍ବାଦ ଏହି ବିଦ୍ୟାଳୟର ପ୍ରତ୍ୟେକଟି ପିଢ଼ୀକୁ ପ୍ରେରିତ କରୁ ।

ଆଜିର ଏହି ମହାର୍ଘ ମୁହୂର୍ତ୍ତରେ ନୋଡ଼ାଲ ପଂଚାୟତ ଉଚ୍ଚବିଦ୍ୟାଳୟର **ସୁବର୍ଣ୍ଣ ଜୟନ୍ତୀ-୨୦୨୫** ଅବସରରେ ଆପଣଙ୍କ ପରି ଶିକ୍ଷାବିତ୍‌ଙ୍କୁ ସମ୍ମାନୀତ କରି ଗୌରବାନ୍ୱିତ ମନେ କରୁଛି । ଲୀଳାମୟ ନିଳାଦ୍ରିବିହାରୀ ଶ୍ରୀ ଜଗନ୍ନାଥଙ୍କ ଚରଣ କମଳରେ ଆପଣଙ୍କ ସୁଦୀର୍ଘ ନିରାମୟ ଜୀବନଯାପନ କାମନା କରୁଛୁ ।

ବନ୍ଦେ ଉତ୍କଳ ଜନନୀ । ଜୟ ଜଗନ୍ନାଥ ।

| | | |
|---|---|---|
| ସଭାପତି | ମୁଖ୍ୟ ଅତିଥି | ସମ୍ପାଦକ |

# ପଞ୍ଚାୟତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ଜୟନଗର

## ସୁବର୍ଣ୍ଣ ଜୟନ୍ତୀ ସମାରୋହ-୨୦୨୫

## ମାନପତ୍ର



### ସମ୍ମାନନୀୟ ଗୁରୁଦେବ ସ୍ୱର୍ଗତ ନାଗାର୍ଜୁନ ନାୟକ ମହୋଦୟ

ଗ୍ରାମ : ତରପଦା, କୋଇଲିପୁର, ଜିଲ୍ଲା : କେନ୍ଦ୍ରାପଡ଼ା, ଓଡ଼ିଶା

ହେ ମହାନୁଭବ !

ସଦାଚାର, ବିଚାର, ବ୍ୟବହାର, ସହାନୁଭୂତି, ବୈଦାନ୍ୟ, ସାହାଯ୍ୟ ଆଦି ନକ୍ଷତ୍ରସମ ଉପାଦାନରେ ଆପଣ ବିଭୂଷିତ । ସାମାଜିକ ଉତ୍‌ଥାନ କ୍ଷେତ୍ରରେ ଆପଣଙ୍କ ସଂପୃକ୍ତି ଅତୁଳନୀୟ । ଶୈକ୍ଷିକ ଜୀବନାବଧି ମଧ୍ୟରେ ଶିକ୍ଷକତାରୁ ଅବସର ନେଇ ଆପଣ ସମାଜସେବା ପ୍ରତି ନିଜକୁ ଉତ୍ସର୍ଗ କରି ରଖିଥିଲେ । ଶିକ୍ଷାଦାନ ସମୟରେ ଛାତ୍ରଛାତ୍ରୀମାନଙ୍କ ଭିତରେ ଚାରିତ୍ରିକ ଗଠନ ଓ ପଠନଗତ ମନୋନିବେଶକୁ ସୁଲଳିତ, ସରଳ, ସୁନ୍ଦର କରିବା ନିମିତ୍ତ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଛନ୍ତି । ଆପଣଙ୍କ କର୍ତ୍ତବ୍ୟନିଷ୍ଠ କର୍ମାନୁରାଗ ବାତ୍ସଲ୍ୟତା ପାଇଁ ଶୈକ୍ଷିକ ଅବଧି ମଧ୍ୟରେ ଏକ ସ୍ୱତନ୍ତ୍ର ଆସନଟିଏ ପାଇପାରିଥିଲେ । ବିଭିନ୍ନ ସାମାଜିକ, ଧାର୍ମିକ, ସାହିତ୍ୟିକ ଅନୁଷ୍ଠାନ ସହ ଅନୁବନ୍ଧିତ ହୋଇ ସମାଜରେ ସୁପ୍ରତିଷ୍ଠା ଲାଭ କରିପାରିଛନ୍ତି । ମୌଳିକ ଶିକ୍ଷାର ନୀତି ନିର୍ଦ୍ଧାରଣ ଆପଣଙ୍କୁ ଜଣେ ଅସାଧାରଣ ବ୍ୟକ୍ତି ରୂପେ ପ୍ରତିଷ୍ଠିତ କରିଛି ।

ହେ ଗୁରୁଦେବ, ଆପଣ ୧୯୪୯ ମସିହା ସେପ୍ଟେମ୍ବର ୨ ତାରିଖରେ ରାଜକନିକା ଥାନା ଅନ୍ତର୍ଗତ କୋଇଲିପୁର ପଂଚାୟତର ତରପଦା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ଆପଣ ଅତ୍ୟନ୍ତ ଶୃଙ୍ଖଳିତ ଏବଂ ଧାର୍ମିକ ମାନନିୟତାର ଅଧିକାରୀ ଥିଲେ ଓ ସର୍ବଦା ଶିକ୍ଷା ସହିତ ନିତିପରାୟଣତାକୁ ଆଚରିବାକୁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଆପଣଙ୍କ ମୂଲ୍ୟବାନ ସଂଗ୍ରାମ ଓ ଅନୁଭୂତିର ପରାକାଷ୍ଠାକୁ ଏହି ବିଦ୍ୟାଳୟ ଯୁଗେ ଯୁଗେ ମନେ ରଖିବ ।

ଆଜିର ଏହି ମହାର୍ଘ ମୁହୂର୍ତ୍ତରେ ପଂଚାୟତ ନୋଡ଼ାଲ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ-୨୦୨୫ ଅବସରରେ ଆପଣଙ୍କ ଭଳି ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରି ଆମେ ଗୌରାବାନ୍ୱିତ ମନେ କରୁଛୁ । ଜଗତରନାଥ ପରମ କାରୁଣିକ ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଚଲାପଥକୁ କୁସୁମିତ କରନ୍ତୁ ଏହା ହିଁ ଆମ୍ଭର ପ୍ରାର୍ଥନା ।

ବନ୍ଦେ ଉତ୍କଳ ଜନନୀ । ଜୟ ଜଗନ୍ନାଥ ।

ସଭାପତି | ମୁଖ୍ୟ ଅତିଥି | ସମ୍ପାଦକ

# ପଞ୍ଚାୟତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରାପଡ଼ା

## ସୁବର୍ଣ୍ଣ ଜୟନ୍ତୀ ସମାରୋହ-୨୦୨୫

## ମାନପତ୍ର



## ସମ୍ମାନନୀୟ ଗୁରୁଦେବ ଶ୍ରୀ ବେଣୁଧର ସାହୁ ମହୋଦୟ

ଗ୍ରାମ : କୁଜିପୁର, ଜିଲ୍ଲା : କେନ୍ଦ୍ରାପଡ଼ା, ଓଡ଼ିଶା

ବରଣୀୟେଷୁ,

ଆପଣ ଓଡ଼ିଶାର ଜଣେ ଲବ୍ଧ ପ୍ରତିଷ୍ଠିତ ଛାତ୍ର ବତ୍ସଳ ଶିକ୍ଷକ ତଥା ସମାଜସେବୀ । ଶିକ୍ଷକତା ଆପଣଙ୍କର ବୃତ୍ତି ସହିତ ନିଶା । ସମାଜସେବା ପାଲଟିଛି ଆପଣଙ୍କ ଧ୍ୟେୟ । ଈଶ୍ୱରଙ୍କ ନିକଟରେ ଉତ୍ସର୍ଗୀକୃତ ମନୋଭାବ ଯୋଗୁଁ ଆପଣ ସହଜ, ସାବଲୀଳ ଭାବେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଭା ଆବିଷ୍କାର କରିବା ସହ ଜନକଲ୍ୟାଣକାରୀ କାର୍ଯ୍ୟ କରିବାରେ ବ୍ରତୀ ହୋଇପାରିଛନ୍ତି । ଶିକ୍ଷକତା ଓ ସମାଜସେବାକୁ ପାଥେୟ କରି ନିଜ ଛାତ୍ରଛାତ୍ରୀଙ୍କ  ଚଲାପଥକୁ ପୁଷ୍ପିତ କରିବା ସହ ସମାଜ ପାଇଁ ଏକ ନୂତନ ପଥ ପ୍ରଦର୍ଶକ ସାଜି ପାରିଛନ୍ତି ।  ଆପଣଙ୍କ ଜନ୍ମ ୧୯୪୮ ମସିହା ଅଗଷ୍ଟ ମାସ ୧୫ ତାରିଖରେ ଏଇ ମାଟିର କୁଜିପୁର ଗ୍ରାମରେ ହୋଇଥିଲା । ନିଜର ଶିକ୍ଷା, ଶ୍ରମ ଓ ସଦାଚରଣ ନୀତି ମାଧ୍ୟମରେ ଆପଣ ଏକ ଉଦାହରଣ ସୃଷ୍ଟି କରିଛନ୍ତି । ଆପଣ ଏଇ ମାଟିର ଗର୍ବ । ଅନୁଶାସନ ଓ ଦୃଢ଼ ସଂକଳ୍ପ ହେଲା ଆପଣଙ୍କର ଜୀବନର ଦୀପ ସଦୃଶ । ଶିକ୍ଷକ ଭାବେ ଆପଣ ତା ୩୧.୦୮.୧୯୬୮ରେ କନିକା ମ.ଇ. ବିଦ୍ୟାଳୟରେ ଯାତ୍ରା ଆରମ୍ଭ କରିଥିଲେ । ଯାହାକି ପରବର୍ତ୍ତୀ ମୁହୂର୍ତ୍ତରେ  ପଂଚାୟତ ନୋଡ଼ାଲ ଉଚ୍ଚବିଦ୍ୟାଳୟ ନାମରେ  ଏକ  ସୁନାମଧନ୍ୟ ଅନୁଷ୍ଠାନ ଭାବରେ ଆଜି ବିଶ୍ୱବିଦିତ । ଦୀର୍ଘ ଚାରି ଦଶନ୍ଧିର ଶିକ୍ଷାଦାନ ପରେ ତା. ୩୧.୦୮.୨୦୦୬ରେ ଆପଣ ଅବସର ନେଇଥିଲେ । ଆପଣଙ୍କ ଉତ୍ତମ ଆଚରଣବିଧି ଛାତ୍ରଛାତ୍ରୀମାନଙ୍କ ପାଇଁ ଆଦର୍ଶ ପାଠଶାଳା ଥିଲା । ସଦା ହାସ୍ୟମୟ  ମୁଖମଣ୍ଡଳ, ଶାନ୍ତ ଓ ସଂଯମ ବ୍ୟବହାର ଆପଣଙ୍କର ଗାରିମାର ଗୁଣଗାନ ଯୁଗେ  ଯୁଗେ କରିବ । ଏ ଅଞ୍ଚଳର ସବୁରି ଜୀବନପଥରେ ଆପଣ ସବୁଦିନ ଆଲୋକର ସାହାରା ହୋଇ  ରୁହନ୍ତୁ । ଗୁରୁଦେବ ଆପଣଙ୍କ କରକମଳରେ ଶତକୋଟି ପ୍ରଣାମ ।

ଆଜିର ଏହି ମହାର୍ଘ ମୁହୂର୍ତ୍ତରେ ପଂଚାୟତ ନୋଡ଼ାଲ ଉଚ୍ଚବିଦ୍ୟାଳୟର **ସୁବର୍ଣ୍ଣ ଜୟନ୍ତୀ-୨୦୨୫** ଅବସରରେ ଆପଣଙ୍କ ଭଳି ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରି ଆମେ ଗୌରାବାନ୍ୱିତ ମନେ କରୁଛୁ । ଜଗତରନାଥ ପରମ କାରୁଣିକ ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଚଲାପଥକୁ କୁସୁମିତ କରନ୍ତୁ ଏହା ହିଁ ଆମ୍ଭର ପ୍ରାର୍ଥନା ।

ବନ୍ଦେ ଉତ୍କଳ ଜନନୀ, ଜୟ ଜଗନ୍ନାଥ ।

ସଭାପତି | ମୁଖ୍ୟ ଅତିଥି | ସମ୍ପାଦକ

# ପଞ୍ଚାୟତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ଜୟନଗର

ESTD-1974

सा विद्या या विमुक्तये

## ସୁବର୍ଣ୍ଣ ଜୟନ୍ତୀ ସମାରୋହ-୨୦୨୫

## ମାନପତ୍ର



### ସମ୍ମାନନୀୟ ଗୁରୁଦେବ ୰ରମେଶ ଚନ୍ଦ୍ର ପ୍ରଧାନ ମହୋଦୟ

ଗ୍ରା-ଏଣ୍ଡୁଲାପୁର, ଜୟନଗର, ରାଜକନିକା, କେନ୍ଦ୍ରାପଡ଼ା

ମାନନୀୟ ଗୁରୁଦେବ

ଆପଣ ସତ୍ୟନିଷ୍ଠ, କର୍ତ୍ତବ୍ୟ ପରାୟଣ, କଳା ସଂସ୍କୃତିର ପୂଜାରୀ ଓ ବିଭିନ୍ନ ପ୍ରତିଭାରେ ବିମଣ୍ଡିତ ଉତ୍କଳ ଜନନୀର ସୁଯୋଗ୍ୟ ସନ୍ତାନ ଅଟନ୍ତି । ଜଣେ ଛାତ୍ରବତ୍ସଳ ଶିକ୍ଷକ ତଥା ସମାଜସେବୀ ହିସାବରେ ଆପଣ ଶିକ୍ଷାକ୍ଷେତ୍ରରେ ତଥା ସମାଜସେବା କ୍ଷେତ୍ରରେ ବିଭିନ୍ନ ପ୍ରକାର ବୈପ୍ଲବିକ ପରିବର୍ତ୍ତନ ଆଣି ଶିକ୍ଷକ ସମୂହମାନଙ୍କ ପାଇଁ ହୋଇପାରିଛନ୍ତି ଏକ ଆଦର୍ଶର ଉଦାହରଣ। ଆପଣଙ୍କ ନୈତିକ ଶିକ୍ଷା ମାଧ୍ୟମରେ କୋମଳମତି ପିଲାମାନେ ଯେପରି ଶିକ୍ଷା, ସଂସ୍କାର, ପୂଜ୍ୟପୂଜା ଇତ୍ୟାଦିକୁ ଆପଣେଇ ସମାଜରେ ଏକ ଉତ୍ତମ ପରିବର୍ତ୍ତନ ଆଣିପାରିବେ ସେଥିପାଇଁ ଆପଣ ସତଚେଷ୍ଟିତ। ଆପଣ ସ୍ନେହୀ, ମେଳାପୀ ତଥା ଶିକ୍ଷକ ଜଗତର ଏକ ଅନ୍ୟତମ ତାରକା। ସୂର୍ଯ୍ୟଙ୍କର ରଶ୍ମୀ ପରି ଆପଣଙ୍କର କଳା, ମଂଚ ପାରଦର୍ଶିତା, ଆଦି ଆପଣଙ୍କୁ ସମାଜର ଏକ ପ୍ରତିଭାଦୀପ୍ତ ବ୍ୟକ୍ତିତ୍ୱ ଭାବରେ ପରିଚୟ ପ୍ରଦାନ କରିଛି ।

ଆପଣ ୧୯୫୨ ମସିହା ଜାନୁଆରୀ ମାସ ୧୭ ତାରିଖରେ ଏଣ୍ଡୁଲାପୁରରେ ଜନ୍ମଗ୍ରହଣ କରିଥିଲେ । ତା ୧.୮.୧୯୭୭ ରେ କ୍ରୀଡା ଶିକ୍ଷକ ରୂପେ ପଂଚାୟତ ଉଚ୍ଚ ବିଦ୍ୟାଳୟରେ ଯୋଗଦାନ କରି ବିଦ୍ୟାଳୟର ଗୌରବ ବର୍ଦ୍ଧନ ସହିତ କଳା ପ୍ରତି ରୁଚି ରଖି ଏହି ଅଂଚଳର ଅଧିବାସୀଙ୍କ ହୃଦୟ ଜିଣି ପାରିଥଲେ ।

ଆଜିର ଏହି ମହାର୍ଘ ମୁହୂର୍ତ୍ତରେ ପଂଚାୟତ ନୋଡ଼ାଲ ଉଚ୍ଚବିଦ୍ୟାଳୟର **ସୁବର୍ଣ୍ଣ ଜୟନ୍ତୀ-୨୦୨୫** ଅବସରରେ ଆପଣଙ୍କ ଭଳି ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରି ଆମେ ଗୌରାବାନ୍ୱିତ ମନେ କରୁଛୁ । ଜଗତରନାଥ ପରମ କାରୁଣିକ ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଚଲାପଥକୁ କୁସୁମିତ କରନ୍ତୁ ଏହା ହିଁ ଆମ୍ଭର ପ୍ରାର୍ଥନା ।

ବନ୍ଦେ ଉତ୍କଳ ଜନନୀ, ଜୟ ଜଗନ୍ନାଥ ।

ସଭାପତି | ମୁଖ୍ୟ ଅତିଥି | ସମ୍ପାଦକ

# ପଞ୍ଚାୟତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ଚଣ୍ଡମଗର

## ସୁବର୍ଣ୍ଣ ଜୟନ୍ତୀ ସମାରୋହ-୨୦୨୫

## ମାନପତ୍ର



### ସମ୍ମାନନୀୟ ଗୁରୁଦେବ ଶ୍ରୀଯୁକ୍ତ ଅକ୍ଷୟ କୁମାର୍ ମଲ୍ଲିକ ମହୋଦୟ

ଗ୍ରାମ : କୁସୁନପୁର, ଜିଲ୍ଲା : କେନ୍ଦ୍ରାପଡ଼ା, ଓଡ଼ିଶା

ହେ ମହାନୁଭବ !

ଆପଣ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଶିକ୍ଷାବିତ୍‌ମାନଙ୍କ ମଧ୍ୟରେ ଶ୍ରେଷ୍ଠସ୍ଥାନ ଅଧିକାର କରିଛନ୍ତି । ଆପଣଙ୍କର ଶିକ୍ଷାପ୍ରତି ଅନୁରାଗ, ନିଷ୍ଠା, ଛାତ୍ରବତ୍ସଳ ଓ ସମୟାନୁବର୍ତ୍ତିତା ତଥା ସମାଜସେବୀ ଭାବରେ କର୍ମଦକ୍ଷତା ଆଜି ଆପଣଙ୍କୁ ସମାଜରେ ଦେଇଛି ଏକ ସ୍ୱତନ୍ତ୍ର ପରିଚୟ । ଅଧ୍ୟାପନା ପ୍ରତି ଆପଣଙ୍କର ଗଭୀର ଅନୁରକ୍ତି ପ୍ରକାଶ ସ୍ୱରୂପ ଅଧ୍ୟାପନା ଜୀବନରେ ବେଶ୍ ଆଦୃତ ଓ ସମ୍ମାନୀତ ହୋଇଆସିଛନ୍ତି । ସୂର୍ଯ୍ୟଙ୍କ ରଶ୍ମି ପରି ଆପଣଙ୍କର ଜ୍ଞାନର ରଶ୍ମି ଚତୁଃପାର୍ଶ୍ୱରେ ବିଛୁରିତ ହୋଇଥାଏ ଯାହାକି ବିଦ୍ୟାର୍ଥୀମାନଙ୍କ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଜଣେ ପ୍ରିୟ ଗୁରୁ ଭାବରେ ଆପଣ ଛାତ୍ରଗହଣରେ ବେଶ୍ ପରିଚିତ ହେବା ସହିତ ଜଣେ ମାର୍ଗଦର୍ଶକ ଭାବେ ନିଜ ଶ୍ରେଷ୍ଠତ୍ୱକୁ ବେଶ୍ ପ୍ରମାଣିତ କରିପାରିଛନ୍ତି । ଆପଣ ୧୯୬୯ ମସିହା ମଇ ମାସ ୧ ତାରିଖରେ କୁସୁନପୁର ମଧ ଇଂରାଜୀ ବିଦ୍ୟାଳୟରରେ ସହକାରୀ ଶିକ୍ଷକରୂପେ ଯୋଗଦାନ କରିଥିଲେ ଏବଂ ସାଲ ୨୦୦୭, ଜୁଲାଇ ୩୧ ତାରିଖ କର୍ମମୟ ଜୀବନରୁ ଅବସର ଗ୍ରହଣ କରିଥିଲଲେ ।

ଆଜିର ଏହି ମହାର୍ଘ ମୁହୂର୍ତ୍ତରେ ପଂଚାୟତ ନୋଡ଼ାଲ ଉଚ୍ଚବିଦ୍ୟାଳୟର **ସୁବର୍ଣ୍ଣ ଜୟନ୍ତୀ-୨୦୨୫** ଅବସରରେ ଆପଣଙ୍କ ଭଳି ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରି ଆମେ ଗୌରାବାନ୍ୱିତ ମନେ କରୁଛୁ । ଜଗତରନାଥ ପରମ କାରୁଣିକ ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଚଲାପଥକୁ କୁସୁମିତ କରନ୍ତୁ ଏହା ହିଁ ଆମ୍ଭର ପ୍ରାର୍ଥନା ।

ବନ୍ଦେ ଉତ୍କଳ ଜନନୀ, ଜୟ ଜଗନ୍ନାଥ ।

| ସଭାପତି | ମୁଖ୍ୟ ଅତିଥି | ସମ୍ପାଦକ |
|---|---|---|

# ପଞ୍ଚାୟତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ଜୟନଗର

ESTD-1974

सा विद्या या विमुक्तये

## ସୁବର୍ଣ୍ଣ ଜୟନ୍ତୀ ସମାରୋହ-୨୦୨୫

## ମାନପତ୍ର



**ସମ୍ମାନନୀୟ ଶ୍ରୀଯୁକ୍ତ ହରିହର ଜେନା ମହୋଦୟ**

ଗ୍ରାମ : ଏଣ୍ଡୁଳାପୁର, ଜିଲ୍ଲା : କେନ୍ଦ୍ରାପଡ଼ା, ଓଡ଼ିଶା

ମାନନୀୟ !

ଜଣେ ଉତ୍ତମ ଶିକ୍ଷକଭାବେ କର୍ମପ୍ରତି ନିଷ୍ଠା, ଆନ୍ତରିକତା ତଥା ସମୟାନୁବର୍ତ୍ତିତାର ଯେଉଁ ବାର୍ତ୍ତା ଆପଣ ସମାଜକୁ ଦେଇଛନ୍ତି ତାହା ବାସ୍ତବିକ୍ ପ୍ରଶଂସନୀୟ । ଆପଣ ଜାନୁଆରୀ ୧ ତରିଖ ୧୯୫୦ ମସିହାରରେ ଏଣ୍ଡୁଳାପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଜୁଲାଇ ୧ ତାରିଖ ୧୯୭୪ ମସିହାରେ ପଞ୍ଚାୟତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ଯୋଗଦେଇ ଶିକ୍ଷାଦାନର ଏକ ଅପୂର୍ବ ବାତାବରଣ ସୃଷ୍ଟି କରିଥିଲେ । ସଦ୍‌ଭାବନାର ଶାନ୍ତି ସୂର୍ଯ୍ୟ ଆପଣଙ୍କ ମହାନତାକୁ କରିଛି ଅଧିକତର ତେଜିଆନ । ସ୍ୱାଭିମାନର ପଥୋପରେ ପରିଚାଳିତ ନିତିଦିନିଆ ଜୀବନ ହାଟକୁ ସରସ ସୁନ୍ଦର କରି ଗଢି ତୋଳି ସମାଜ କଲ୍ୟାଣଭିମୁଖୀ ଚିନ୍ତା ଓ ଚେତନା ଆପଣଙ୍କ କର୍ମ ଜୀବନକୁ କରିଛି ଶାଶ୍ୱତ ଓ ବୁଦ୍ଧିମନ୍ତ । ସମାଜର ସବୁ ବର୍ଗର ଲୋକଙ୍କୁ ଆପଣାର କରି ବିକାଶ ସ୍ରୋତରେ ସାମିଲ କରିବା ଆପଣଙ୍କ ସେବା ମନୋବୃତ୍ତିକୁ କରିଛି ବହୁଗୁଣ ସୁସଂଗ । ଆପଣଙ୍କ ଶିକ୍ଷା ଓ ଛାତ୍ର ଅନୁରାଗୀ ଚିନ୍ତା ଏବଂ ଅମାୟିକ ବ୍ୟବହାର ବିଜ୍ଞତା ଆମମାନଙ୍କୁ ପ୍ରଲୁବ୍ଧ କରିଛି । ଆପଣଙ୍କ ପରି ସଦାଚାର କର୍ତ୍ତ୍ୟବ୍ୟ ନିଷ୍ଠ ବ୍ୟକ୍ତିତ୍ୱ ସତରେ ବିରଳ । ତା ୩୧.୧୨.୨୦୦୭ରେ ଆପଣ କର୍ତ୍ତବ୍ୟରୁ ବିରତ ନେଇଥିଲେ ମଧ୍ୟ ଆମ ନିକଟରେ ସଦା ଆଦରଣୀୟ ।

ଆଜିର ଏହି ମହାର୍ଘ ମୁହୂର୍ତ୍ତରେ ପଂଚାୟତ ନୋଡ଼ାଲ ଉଚ୍ଚବିଦ୍ୟାଳୟର **ସୁବର୍ଣ୍ଣ ଜୟନ୍ତୀ-୨୦୨୫** ଅବସରରେ ଆପଣଙ୍କ ଭଳି ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରି ଆମେ ଗୌରାବାନ୍ୱିତ ମନେ କରୁଛୁ । ଜଗତରନାଥ ପରମ କାରୁଣିକ ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଚଲାପଥକୁ କୁସୁମିତ କରନ୍ତୁ ଏହା ହିଁ ଆମ୍ଭର ପ୍ରାର୍ଥନା ।

ବନ୍ଦେ ଉତ୍କଳ ଜନନୀ, ଜୟ ଜଗନ୍ନାଥ ।

| | | |
|---|---|---|
| ସଭାପତି | ମୁଖ୍ୟ ଅତିଥି | ସମ୍ପାଦକ |

# ପଞ୍ଚାୟତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ଜୟନଗର

ସା विद्या या विमुक्तये

## ସୁବର୍ଣ୍ଣ ଜୟନ୍ତୀ ସମାରୋହ-୨୦୨୫

## ମାନପତ୍ର



### ସମ୍ମାନନୀୟ ଗୁରୁଦେବ ଶ୍ରୀଯୁକ୍ତ ବୀର୍ କିଶୋର୍ ପାତ୍ର ମହୋଦୟ

ଗ୍ରାମ : ଜୟନଗର,ସଲିପୋଖରୀ, ଜିଲ୍ଲା : କେନ୍ଦ୍ରାପଡ଼ା, ଓଡ଼ିଶା

ମାନନୀୟ ଗୁରୁଦେବ,

ସଦାଚାର, ବିଚାର, ବ୍ୟବହାର, ସହାନୁଭୂତି, ବୈଦାନ୍ୟ, ସାହାଯ୍ୟ ଆଦି ନକ୍ଷତ୍ରସମ ଉପାଦାନରେ ଆପଣ ବିଭୂଷିତ । ସାମାଜିକ ଉତ୍‌ଥାନ କ୍ଷେତ୍ରରେ ଆପଣଙ୍କ ସଂପୃକ୍ତି ଅତୁଳନୀୟ । ଶୈକ୍ଷିକ ଜୀବନାବଧି ମଧ୍ୟରେ ଶିକ୍ଷକତାରୁ ଅବସର ନେଇ ଆପଣ ସମାଜସେବା ପ୍ରତି ନିଜକୁ ଉତ୍ସର୍ଗ କରି ରଖିଛନ୍ତି । ଶିକ୍ଷାଦାନ ସମୟରେ ଛାତ୍ରଛାତ୍ରୀମାନଙ୍କ ଭିତରେ ଚାରିତ୍ରିକ ଗଠନ ଓ ପଠନଗତ ମନୋନିବେଶକୁ ସୁଲଳିତ, ସରଳ, ସୁନ୍ଦର କରିବା ନିମିତ୍ତ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଛନ୍ତି । ଆପଣଙ୍କ କର୍ତ୍ତବ୍ୟନିଷ୍ଠ କର୍ମାନୁରାଗ ବାତ୍ସଲ୍ୟତା ପାଇଁ ଶୈକ୍ଷିକ ଅବଧି ମଧ୍ୟରେ ଏକ ସ୍ୱତନ୍ତ୍ର ଆସନଟିଏ ପାଇପାରିଛନ୍ତି । ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଶିକ୍ଷାବିତ୍ ଭାବରେ ଆପଣ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । କେନ୍ଦ୍ରାପଡ଼ା ମାଟିର ସୁଯୋଗ୍ୟ ସନ୍ତାନଭାବେ ଆପଣଙ୍କ ସେବାମନୋବୃତ୍ତି ବେଶ୍ ପ୍ରଶଂସିତ ହୋଇପାରିଛି । ଆପଣଙ୍କ ଭଳି ସତ୍ୟନିଷ୍ଠ, ସତ୍ୟାନୁରାଗୀ, ସତ୍ୟାଶ୍ରିତ ସାରସ୍ୱତ ସାଧକ ଓ ଶିକ୍ଷାବିତ୍ ଓଡ଼ିଶାରେ ବିରଳ । ଆପଣ ୧୯୫୪ ମସିହା ଅଗଷ୍ଟ ୧୦ ତାରିଖ ଏକ ପବିତ୍ର ଲଗ୍ନରେ ଜୟନଗର (ସଲିପୋଖରୀ) ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ୧୯୮୨ ମସିହା ଏପ୍ରିଲ୍ ୧୨ରେ ପଂଚାୟତ ଉଚ୍ଚ ବିଦ୍ୟାଳୟରେ ଯୋଗ ଦେଇଥିଲେ । ଆପଣଙ୍କ ଶିକ୍ଷା ସଂସ୍କାର ମାର୍ଜିତ ଛାତ୍ର ବତ୍ସଳତା ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ । ଏହି କର୍ମମୟ ଜୀବନରେ ଚିରହାସ୍ୟମୟ ବିରଳ ବ୍ୟକ୍ତିତ୍ୱ ଏ ଅଂଚଳ ପାଇଁ ସଦା ସ୍ମରଣୀୟ । ଆପଣ ତା ୩୧.୮.୨୦୨୧ରେ କର୍ମମୟ ଜୀବନରୁ ଅବସର ଗ୍ରହଣ କରିଛନ୍ତି ।

ଆଜିର ଏହି ମହାର୍ଘ ମୁହୂର୍ତ୍ତରେ ପଂଚାୟତ ନୋଡ଼ାଲ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ-୨୦୨୫ ଅବସରରେ ଆପଣଙ୍କ ଭଳି ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରି ଆମେ ଗୌରାବାନ୍ୱିତ ମନେ କରୁଛୁ । ଜଗତରନାଥ ପରମ କାରୁଣିକ ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଚଲାପଥକୁ କୁସୁମିତ କରନ୍ତୁ ଏହା ହିଁ ଆମ୍ଭର ପ୍ରାର୍ଥନା ।

ବନ୍ଦେ ଉତ୍କଳ ଜନନୀ, ଜୟ ଜଗନ୍ନାଥ ।

| | | |
|---|---|---|
| ସଭାପତି | ମୁଖ୍ୟ ଅତିଥି | ସମ୍ପାଦକ |

# ପଞ୍ଚାୟତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ଲୟମନଗର

## ସୁବର୍ଣ୍ଣ ଜୟନ୍ତୀ ସମାରୋହ-୨୦୨୫

## ମାନପତ୍ର



**ସମ୍ମାନନୀୟ ଗୁରୁଦେବ ସ୍ୱର୍ଗତ ହରିହର ମଲ୍ଲିକ ମହୋଦୟ**

ଗ୍ରାମ : ବଜରପୁର, ଜିଲ୍ଲା : କେନ୍ଦ୍ରାପଡ଼ା, ଓଡ଼ିଶା

ଦିବ୍ୟଚିତେଷୁ,

ଶିକ୍ଷା ଓ ସାଂଗଠନିକ କର୍ମ ଆପଣଙ୍କ ପ୍ରତିଭାକୁ କରିଛି ଦୀପ୍ତିମନ୍ତ । ଶିକ୍ଷା କ୍ଷେତ୍ରରେ ଆପଣଙ୍କ ଅବଦାନ ଅତୁଳନୀୟ । ଫୁକିଆତାରା ପରି ଆପଣଙ୍କ କର୍ମମୟ ଜୀବନ ଓ ସାଂଗଠନିକ କାର୍ଯ୍ୟ ଉଜ୍ଜ୍ୱଳ ଓ ପ୍ରତିଭାବାନ୍ । ସାମାଜିକ ଉତ୍‌ଥାନ ନିମନ୍ତେ ଆପଣଙ୍କ ଶାଶ୍ୱତ, ବିମଳ, ଅମ୍ଳାନ, ସୁଶିତଳ ଚିନ୍ତା ଓ ଚେତନା ଆଗାମୀ ପିଢ଼ୀ ପାଇଁ ବତୀଘର ସଦୃଶ । ଛାତ୍ରଛାତ୍ରୀମାନଙ୍କ ଜୀବନର ମାନଦଣ୍ଡର ଉନ୍ନତି ଆଣିବା ସହିତ ସମାଜସେବା ମାଧ୍ୟମରେ ସମାଜରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଆପଣ ଅହରହ ଉଦ୍ୟମ କରିଆସିଛନ୍ତି । ୧୯୩୦ ମସିହା ପବିତ୍ର ଲଗ୍ନରେ ଜନ୍ମଗ୍ରହଣ କରି ୧୯୫୬ ମସିହାରେ ଶିକ୍ଷକତାକୁ ଆଦରି ନେଇ କର୍ମମୟ ଜୀବନର ଆରମ୍ଭ କରିଥିଲେ । ପରବର୍ତୀ କାଳରେ ମଧୁପଡ଼ା ଏବଂ ପରିଶେଷରେ କୁସୁନପୁର ବିଦ୍ୟାଳୟରେ କର୍ମମୟ ଜୀବନ ଅତିବାହିତ କରିଥଲେ । ୧୯୯୦ ମସିହାରେ କର୍ମ ବିରତ ନେଇଥିଲେ । ଆପଣ ଇହଧାମରରେ ଆଉ ନାହାନ୍ତି ସତ କିନ୍ତୁ ଆପଣଙ୍କ ତ୍ୟାଗ ଓ ସମର୍ପଣକୁ ପଂଚାୟତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ କେବେ ଭୁଲିପାରିବ ନାହିଁ । ଆପଣ ଏ ଅଞ୍ଚଳ ପାଇଁ ଗର୍ବ ଓ ଗୌରବ । ଆପଣଙ୍କ ପରି ବିରଳ ବ୍ୟକ୍ତିତ୍ୱ ସତରେ ବିରଳ । ଏହି ବିଦ୍ୟାଳୟ ଗଠନରେ ଆପଣଙ୍କ ପ୍ରମୁଖ ଯୋଗଦାନ ମଧ୍ୟ ଚିରସ୍ମରଣୀୟ ।

ଆଜିର ଏହି ମହାର୍ଘ ମୁହୂର୍ତ୍ତରେ ପଂଚାୟତ ନୋଡ଼ାଲ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ-୨୦୨୫ ଅବସରରେ ଆପଣଙ୍କ ଭଳି ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରି ଆମେ ଗୌରାବାନ୍ୱିତ ମନେ କରୁଛୁ । ଜଗତରନାଥ ପରମ କାରୁଣିକ ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଚଲାପଥକୁ କୁସୁମିତ କରନ୍ତୁ ଏହା ହିଁ ଆନ୍ତର ପ୍ରାର୍ଥନା ।

ବନ୍ଦେ ଉତ୍କଳ ଜନନୀ, ଜୟ ଜଗନ୍ନାଥ ।

| | | |
|---|---|---|
| ସଭାପତି | ମୁଖ୍ୟ ଅତିଥି | ସମ୍ପାଦକ |

# ପଞ୍ଚାୟତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ଜୟନଗର

सा विद्या या विमुक्तये

## ସୁବର୍ଣ୍ଣ ଜୟନ୍ତୀ ସମାରୋହ-୨୦୨୫

## ମାନପତ୍ର



### ସମ୍ମାନନୀୟ ଗୁରୁଦେବ ଶ୍ରୀଯୁକ୍ତ ସତ୍ୟାନନ୍ଦ ଦାସ ମହୋଦୟ

ଗ୍ରାମ-ଏଣ୍ଡୁଲାପୁର,ଜିଲ୍ଲା : କେନ୍ଦ୍ରାପଡ଼ା, ଓଡ଼ିଶା

ମାନନୀୟ ଗୁରୁଦେବ,

ଜଣେ ଛାତ୍ରବତ୍ସଳ ଶିକ୍ଷକଭାବେ ଆପଣ ଖୁବ୍ ପରିଚିତ । ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ଧର୍ମକୁ ନେଇ ସ୍ୱଚିନ୍ତା ଏକାଗ୍ରତା ନିଷ୍ଠା, ସମୟାନୁର୍ତ୍ତିତା ପରିଶ୍ରମ ଦ୍ୱାରା ଅଧ୍ୟୟନ କରି ତାକୁ ନିଜସ୍ୱ ଉଦ୍ୟମରେ ସମାଜର ମଙ୍ଗଳ ସାଧନ କରିବା ପାଇଁ ଆପଣ ଅହରହ ଉଦ୍ୟମ କରିଆସିଛନ୍ତି । ସୂର୍ଯ୍ୟଙ୍କର ରଶ୍ମୀପରି ଆପଣଙ୍କର ଜ୍ଞାନର ରଶ୍ମୀ ଚତୁଃପାର୍ଶ୍ୱରେ ବିକ୍ଷିପ୍ତ, ଉଦ୍‌ଭାସିତ ଓ ପୁଲକିତ ହୋଇଥାଏ । ସର୍ବଦା ସରଳ, ନିରାଡମ୍ବର ଜୀବନଯାପନ ଆପଣଙ୍କର ଅନ୍ୟତମ ପରିଚୟ ।

ଆପଣ ସାଲ ୧୯୫୧ ନଭେମ୍ବର ୧୪ ତାରିଖରେ ଏଣ୍ଡୁଲାପୁରରେ ଆବିର୍ଭାବ ହୋଇଥିଲେ । ସାଲ ୧୯୭୨ ଅଗଷ୍ଟ ୧ ରେ କୁସୁନପୁର ବିଦ୍ୟାଳୟରେ ସହକାରୀ ଶିକ୍ଷକ ରୂପେ ଯୋଗଦାନ କରିଥଲେ ଓ ସାଲ ୨୦୦୯ ନଭେମ୍ବର ୩୦ରେ କର୍ମକ୍ଷେତ୍ରରୁ ଅବସର ଗ୍ରହଣ କରିଥଲେ ।

ଆଜିର ଏହି ମହାର୍ଘ ମୁହୂର୍ତ୍ତରେ ପଂଚାୟତ ନୋଡ଼ାଲ ଉଚ୍ଚବିଦ୍ୟାଳୟର **ସୁବର୍ଣ୍ଣ ଜୟନ୍ତୀ-୨୦୨୫** ଅବସରରେ ଆପଣଙ୍କ ଭଳି ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରି ଆମେ ଗୌରାବାନ୍ୱିତ ମନେ କରୁଛୁ । ଜଗତରନାଥ ପରମ କାରୁଣିକ ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଚଲାପଥକୁ କୁସୁମିତ କରନ୍ତୁ ଏହା ହିଁ ଆମ୍ଭର ପ୍ରାର୍ଥନା ।

ବନ୍ଦେ ଉତ୍କଳ ଜନନୀ, ଜୟ ଜଗନ୍ନାଥ ।

सा विद्या या विमुक्तये

| ସଭାପତି | ମୁଖ୍ୟ ଅତିଥି | ସମ୍ପାଦକ |
|---|---|---|

# ପଞ୍ଚାୟତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ଜୟମଗର

ସା ବିଦ୍ୟା या विमुक्तये

## ସୁବର୍ଣ୍ଣ ଜୟନ୍ତୀ ସମାରୋହ-୨୦୨୫

## ମାନପତ୍ର



### ସମ୍ମାନନୀୟ ଗୁରୁଦେବ ଶ୍ରୀଯୁକ୍ତ ବାଞ୍ଛାନିଧି ସୂତାର୍ ମହୋଦୟ

ଗ୍ରାମ-ଶିଶୁଆ, ପୋ-ଆୟତନ, ଜିଲ୍ଲା : କେନ୍ଦ୍ରାପଡ଼ା, ଓଡ଼ିଶା

ମାନନୀୟ ଗୁରୁଦେବ,

ଆପଣଙ୍କର ମାର୍ଜିତ ଆଚାର, ବିଚାର, ବ୍ୟବହାର ଏ ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନ ଆପଣଙ୍କୁ ଆଣିଦେଇଛି । ଏକାଧାରାରେ ଶିକ୍ଷା, ସାହିତ୍ୟ, କଳା, ସମାଜସେବା କ୍ଷେତ୍ରରେ ଆପଣଙ୍କର ସଂପୃକ୍ତି ଆପଣଙ୍କ ଜୀବନଧାରାକୁ କରିଛି ଦୀପ୍ତିମନ୍ତ । ସାମାଜିକ ଉତ୍ଥାନ ନିମନ୍ତେ ଆପଣଙ୍କ ଶାଶ୍ୱତ, ବିମଳ, ଅମ୍ଳାନ, ସୁଶୀତଳ ଚିନ୍ତା ଓ ଚେତନା ଆଗାମୀ ପିଢୀ ପାଇଁ ବତୀଘର ସଦୃଶ । ଜଣେ ଛାତ୍ରବତ୍ସଳ ଶିକ୍ଷକଭାବେ ଆପଣ ଖୁବ୍ ପରିଚିତ । ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ଧର୍ମକୁ ନେଇ ସ୍ୱଚିନ୍ତା ଏକାଗ୍ରତା ନିଷ୍ଠା, ସମୟାନୁର୍ବ୍ତିତା ପରିଶ୍ରମ ଦ୍ୱାରା ଅଧ୍ୟୟନ କରି ତାକୁ ନିଜସ୍ୱ ଉଦ୍ୟମରେ ସମାଜର ମଙ୍ଗଳ ସାଧନ କରିବା ପାଇଁ ଆପଣ ଅହରହ ଉଦ୍ୟମ କରିଆସିଛନ୍ତି । ସୂର୍ଯ୍ୟଙ୍କର ରଶ୍ମୀପରି ଆପଣଙ୍କର ଜ୍ଞାନର ରଶ୍ମୀ ଚତୁଃପାର୍ଶ୍ୱରେ ବିକ୍ଷିପ୍ତ, ଉଦ୍‌ଭାସିତ ଓ ପୁଲକିତ ହୋଇଥାଏ । ସର୍ବଦା ସରଳ, ନିରାଡମ୍ବର ଜୀବନଯାପନ ଆପଣଙ୍କର ଅନ୍ୟତମ ପରିଚୟ ।

ଆପଣ ସାଲ ୧୯୫୦ ମାର୍ଚ୍ଚ ୦୮ ତାରିଖରେ ଶିଶୁଆ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସାଲ ୧୯୬୬ ଜୁଲାଇ ୧ ରେ ଶିକ୍ଷକତା ଜୀବନ ଆରମ୍ଭ କରି ୩୧ ମାର୍ଚ୍ଚ ୨୦୦୮ରେ ଅବସର ଗ୍ରହଣ କରିଥିଲେ ।

ଆଜିର ଏହି ମହାର୍ଘ ମୁହୂର୍ତ୍ତରେ ପଂଚାୟତ ନୋଡ଼ାଲ ଉଚ୍ଚବିଦ୍ୟାଳୟର **ସୁବର୍ଣ୍ଣ ଜୟନ୍ତୀ-୨୦୨୫** ଅବସରରେ ଆପଣଙ୍କ ଭଳି ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରି ଆମେ ଗୌରାବାନ୍ୱିତ ମନେ କରୁଛୁ । ଜଗତରନାଥ ପରମ କାରୁଣିକ ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଚଲାପଥକୁ କୁସୁମିତ କରନ୍ତୁ ଏହା ହିଁ ଆମ୍ଭର ପ୍ରାର୍ଥନା ।

ବନ୍ଦେ ଉତ୍କଳ ଜନନୀ, ଜୟ ଜଗନ୍ନାଥ ।

ସଭାପତି | ମୁଖ୍ୟ ଅତିଥି | ସମ୍ପାଦକ

# ପଞ୍ଚାୟତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ଜୟନଗର

सा विद्या या विमुक्तये

## ସୁବର୍ଣ୍ଣ ଜୟନ୍ତୀ ସମାରୋହ-୨୦୨୫

## ମାନପତ୍ର



**ସମ୍ମାନନୀୟ ଗୁରୁଦେବ ଶ୍ରୀଯୁକ୍ତ ରାଜ କିଶୋର ସାଇଁ ମହୋଦୟ**

ଗ୍ରାମ-ଆୟତନ, ରାଜକନିକା, ଜିଲ୍ଲା : କେନ୍ଦ୍ରାପଡ଼ା, ଓଡ଼ିଶା

ହେ ମହାନୁଭବ !

ଆପଣ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଶିକ୍ଷାବିତ୍‌ମାନଙ୍କ ମଧ୍ୟରେ ଅନ୍ୟତମ । ଆପଣଙ୍କର ଶିକ୍ଷା ପ୍ରତି ଅନୁରାଗ, ନିଷ୍ଠା, ଛାତ୍ରବତ୍ସଳ ଓ ସମୟାନୁବର୍ତ୍ତିତା ତଥା ସମାଜସେବା ଆପଣଙ୍କୁ ସମାଜରେ ଦେଇଛି ଏକ ସ୍ୱତନ୍ତ୍ର ପରିଚୟ । ସ୍ୱାଭିମାନର ପଥୋପରେ ପରିଚାଳିତ ନିତିଦିନିଆ ଜୀବନହାଟକୁ ସରସ ସୁନ୍ଦର କରି ଗଢି ତୋଳି ସମାଜ କଲ୍ୟାଣଭିମୁଖୀ ଚିନ୍ତା ଓ ଚେତନା ଆପଣଙ୍କ କର୍ମମୟ ଜୀବନକୁ କରିଛି ଶାଶ୍ୱତ ଓ ବୁଦ୍ଧିମନ୍ତ । ଜଣେ ପ୍ରିୟ ଗୁରୁ ଭାବରେ ଆପଣ ଛାତ୍ରଗହଣରେ ବେଶ୍ ପରିଚିତ ହେବା ସହିତ ଜଣେ ମାର୍ଗଦର୍ଶକ ଭାବେ ନିଜ ଶ୍ରେଷ୍ଠତ୍ୱକୁ ବେଶ୍ ପ୍ରମାଣିତ କରିପାରିଛନ୍ତି । ସନ ୧୯୭୮ ଜୁଲାଇ ୨୫ ତାରିଖରେ ପ୍ରଧାନ ଶିକ୍ଷକର ଗୁରୁଦାୟିତ୍ୱ ବହନ କରିଥିଲେ ଏବଂ ପରବର୍ତ୍ତୀ ମୁହୂର୍ତ୍ତରେ ଓଡ଼ିଶା ସରକାରଙ୍କ ଓଇଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଶିକ୍ଷା ବିଭାଗର ବିଭିନ୍ନ ଗୁରୁଦାୟିତ୍ୱ ତୁଲାଇଥିଲେ । ।

ଆଜିର ଏହି ମହାର୍ଘ ମୁହୂର୍ତ୍ତରେ ପଂଚାୟତ ନୋଡ଼ାଲ ଉଚ୍ଚବିଦ୍ୟାଳୟର **ସୁବର୍ଣ୍ଣ ଜୟନ୍ତୀ-୨୦୨୫** ଅବସରରେ ଆପଣଙ୍କ ଭଳି ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରି ଆମେ ଗୌରାବାନ୍ୱିତ ମନେ କରୁଛୁ । ଜଗତରନାଥ ପରମ କାରୁଣିକ ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଚଲାପଥକୁ କୁସୁମିତ କରନ୍ତୁ ଏହା ହିଁ ଆମ୍ଭର ପ୍ରାର୍ଥନା ।

ବନ୍ଦେ ଉତ୍କଳ ଜନନୀ, ଜୟ ଜଗନ୍ନାଥ ।

सा विद्या या विमुक्तये

ସଭାପତି | ମୁଖ୍ୟ ଅତିଥି | ସମ୍ପାଦକ

# ପଞ୍ଚାୟତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ଉଦୟମଣ୍ଡଳ

## ସୁବର୍ଣ୍ଣ ଜୟନ୍ତୀ ସମାରୋହ-୨୦୨୫

## ମାନପତ୍ର



### ସମ୍ମାନନୀୟ ଗୁରୁଦେବ ଶ୍ରୀଯୁକ୍ତ ନିମାଇଁ ଚାନ୍ଦ ପଣ୍ଡା ମହୋଦୟ

ଗ୍ରାମ-ରାଉତବର୍ତ୍ତିନୀ, ପୋ-ଆୟତନ, ଜିଲ୍ଲା : କେନ୍ଦ୍ରାପଡ଼ା, ଓଡ଼ିଶା

ମାନନୀୟ ଗୁରୁଦେବ,

ଶିକ୍ଷା ଓ ସାଂଗଠନିକ କର୍ମ ଆପଣଙ୍କ ପ୍ରତିଭାକୁ କରିଛି ଦୀପ୍ତିମନ୍ତ । ଶିକ୍ଷା କ୍ଷେତ୍ରରେ ଆପଣଙ୍କ ଅବଦାନ ଅତୁଳନୀୟ । ଆପଣଙ୍କ ଭଳି ସତ୍ୟନିଷ୍ଠ, ସତ୍ୟାନୁରାଗୀ, ସତ୍ୟାଶ୍ରିତ ସାରସ୍ୱତ ସାଧକ ଓ ଶିକ୍ଷାବିତ୍ ଓଡ଼ିଶାରେ ବିରଳ । ବହୁଗୁଣ ସମ୍ପର୍ଣ୍ଣ, ମାର୍ଜିତ ଆଚାର, ବିଚାର, ବ୍ୟବହାର ଓ ଅଧ୍ୟାପନା ଏ ସମାଜରେ ଆପଣଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଛି । ସାମାଜିକ ଉତ୍ଥାନ ନିମନ୍ତେ ଆପଣଙ୍କ ଶାଶ୍ୱତ, ବିମଳ, ଅମ୍ଳାନ, ସୁଶିତଳ ଚିନ୍ତା ଓ ଚେତନା ଆଗାମୀ ପିଢ଼ୀ ପାଇଁ ବତୀଘର ସଦୃଶ । ନିଜସ୍ୱ ଧିଶକ୍ତି ଓ ଜିଜ୍ଞାସା ବଳରେ ଶିକ୍ଷାର ଯେଉଁ ମହାଦ୍ରୁମ ସୃଷ୍ଟି କରିଛନ୍ତି ସାଂପ୍ରତିକ ଛାତ୍ରଛାତ୍ରୀମାନଙ୍କୁ ତାହା ସ୍ୱତନ୍ତ୍ର ପ୍ରେରଣା ଯୋଗାଇବା ସହ ନୂଆ ନୂଆ ପ୍ରତିଭା ସୃଷ୍ଟି କରିବାରେ ସହାୟକ ହେବ ମଧ୍ୟ । ସମାଜର ସବୁ ବର୍ଗର ଲୋକଙ୍କୁ ଆପଣାର କରି ବିକାଶ ସ୍ରୋତରେ ସାମିଲ କରିବା ଆପଣଙ୍କ ସେବା ମନୋବୃତ୍ତିକୁ କରିଛି ବହୁଗୁଣ ସୁସଂଗ । ଆପଣଙ୍କ ଶିକ୍ଷା ଓ ଛାତ୍ର ଅନୁରାଗୀ ଚିନ୍ତା ଏବଂ ଅମାୟିକ ବ୍ୟବହାର ଆମମାନଙ୍କୁ ପ୍ରଲୁବ୍ଧ କରିଛି । ଆପଣଙ୍କ ପରି ସଦାଚାର କର୍ତ୍ତବ୍ୟନିଷ୍ଠ ବ୍ୟକ୍ତିତ୍ୱ ସତରେ ବିରଳ । ତା ୧୬.୧୨.୮୯ ମସିହାରେ ଆପଣ ପଂଚାୟତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ଯୋଗଦେଇ ତା ୩୧.୦୩.୨୦୧୮ରେ ଅବସର ନେଲେ । ଆପଣଙ୍କ ଅବଦାନକୁ ବିଦ୍ୟାଳୟ ଯୁଗ ଯୁଗ ପାଇଁ ମାନସପଟରେ ସାଇତି ରଖିବ ।

ଆଜିର ଏହି ମହାର୍ଘ ମୁହୂର୍ତ୍ତରେ ପଂଚାୟତ ନୋଡ଼ାଲ ଉଚ୍ଚବିଦ୍ୟାଳୟର **ସୁବର୍ଣ୍ଣ ଜୟନ୍ତୀ-୨୦୨୫** ଅବସରରେ ଆପଣଙ୍କ ଭଳି ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରି ଆମେ ଗୌରାବାନ୍ୱିତ ମନେ କରୁଛୁ । ଜଗତରନାଥ ପରମ କାରୁଣିକ ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଚଲାପଥକୁ କୁସୁମିତ କରନ୍ତୁ ଏହା ହିଁ ଆମ୍ଭର ପ୍ରାର୍ଥନା ।

ବନ୍ଦେ ଉତ୍କଳ ଜନନୀ, ଜୟ ଜଗନ୍ନାଥ ।

ସଭାପତି | ମୁଖ୍ୟ ଅତିଥି | ସମ୍ପାଦକ

# ପଞ୍ଚାୟତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ଜୟନଗର

## ସୁବର୍ଣ୍ଣ ଜୟନ୍ତୀ ସମାରୋହ-୨୦୨୫

## ମାନପତ୍ର



### ସମ୍ମାନନୀୟ ଗୁରୁଦେବ ଶ୍ରୀଯୁକ୍ତ ଲକ୍ଷ୍ମୀକାନ୍ତ ବଳ ମହୋଦୟ

ଗ୍ରାମ-କାଳିକାପୁର, ରାଜକନିକା, ଜିଲ୍ଲା : କେନ୍ଦ୍ରାପଡ଼ା, ଓଡ଼ିଶା

ମାନନୀୟ ଗୁରୁଦେବ,

ବହୁଗୁଣ ସମ୍ପର୍ଣ୍ଣ, ମାର୍ଜିତ ଆଚାର, ବିଚାର, ବ୍ୟବହାର ଓ ଅଧ୍ୟାପନା ଏ ସମାଜରେ ଆପଣଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଛି । ସାମାଜିକ ଉତ୍ଥାନ ନିମନ୍ତେ ଆପଣଙ୍କ ଶାଶ୍ୱତ, ବିମଳ, ଅମ୍ଳାନ, ସୁଶିତଳ ଚିନ୍ତା ଓ ଚେତନା ଆଗାମୀ ପିଢ଼ି ପାଇଁ ବତୀଘର ସଦୃଶ । ୧୯୪୭ ମସିହା ଅକ୍ଟୋବର ମାସ ୨୩ ତାରିଖରେ କେନ୍ଦ୍ରାପଡା ଜିଲ୍ଲାର କାଳୀକାପୁର ଗ୍ରାମରେ ଆପଣଙ୍କ ଜନ୍ମ । ଏହିବର୍ଷ ପରାଧୀନତାର ଶୃଙ୍ଖଳ ଭାଙ୍ଗି ଭାରତବର୍ଷ ସ୍ୱାଧୀନ ହୋଇଥିଲା, ସେଥିପାଇଁ ବୋଧହୁଏ ବହୁ ଅର୍ଜିତ ସ୍ୱାଧୀନତାର ମୂଲ୍ୟ ଆପଣଙ୍କ ବ୍ୟକ୍ତିତ୍ୱ ମଧ୍ୟରେ ଝଲସି ଉଠିଥାଏ । ଆପଣ ବି.ଏ. ଓ ବି.ଇଡ଼ି ସମାପ୍ତ ପରେ ତା ୨୫.୦୬.୧୯୭୫ ମସିହାରେ ବିଜ୍ଞାନ ଶିକ୍ଷକ ଭାବବେ ପଂଚାୟତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ଯୋଗ ଦେଇଥିଲେ । ଦୀର୍ଘ ୩୦ ବର୍ଷର ଉତ୍ତମ ଶିକ୍ଷାଦାନର ପରାକାଷ୍ଠା ଦେଖାଇ ତା ୩୧.୧୦.୨୦୦୫ ରେ କର୍ମମୟ ଜୀବନରୁ ଅବସର ଗ୍ରହଣ କରିଥିଲେ । ଜଣେ ଛାତ୍ର ବତ୍ସଳ ଗୁରୁଭାବେ ଆପଣ ସମସ୍ତଙ୍କର ପ୍ରିୟ ‘ବଳ ସାର୍’ ଭାବେ ପରିଚିତ । ଆପଣ ଏକାଧାରାରେ ଜଣେ ଆଦର୍ଶ ଶିକ୍ଷକ, ସୁବକ୍ତା ଓ ସମାଜସେବୀ ଭାବେ ବେଶ୍ ପରିଚିତ । ସମାଜ ସହିତ ବିଜ୍ଞାନ ଓ ବିକାଶର ଭାବଧାରାକୁ ଯୋଡ଼ିବାରେ ଆପଣଙ୍କ ପ୍ରୟାସ ପ୍ରଶଂସନୀୟ । ଛାତ୍ରଛାତ୍ରୀମାନଙ୍କ ଚରିତ୍ର ଗଠନ ଓ ସାମାଜିକ ସଚେତନତାର ପ୍ରତୀକ ହେବାକୁ ସର୍ବଦା ପରାମର୍ଶ ଦେଇଆସୁଥିଲେ । ଜୟନଗର ପଂଚାୟତ ନୋଡ଼ାଲ ଉଚ୍ଚବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ କ୍ଷେତ୍ରରେ ଆପଣଙ୍କ ଅବଦାନ ଅତୁଳନୀୟ । ନିଜସ୍ୱ ଧିଶକ୍ତି ଓ ଜିଜ୍ଞାସା ବଳରେ ଶିକ୍ଷାର ଯେଉଁ ମହାଦ୍ରୁମ ସୃଷ୍ଟି କରିଛନ୍ତି ସାଂପ୍ରତିକ ଛାତ୍ରଛାତ୍ରୀମାନଙ୍କୁ ତାହା ସ୍ୱତନ୍ତ୍ର ପ୍ରେରଣା ଯୋଗାଇବା ସହ ନୂଆ ନୂଆ ପ୍ରତିଭା ସୃଷ୍ଟି କରିବାରେ ସହାୟକ ହେବ ମଧ୍ୟ । ଜୟନଗର ଶିକ୍ଷାଷ୍ଠାନକୁ କର୍ମଭୂମିଭାବେ ପାଇ ଆପଣ ଗୌରାବାନ୍ୱିତ ମନେ କରନ୍ତି ବୋଲି ଅନେକ ସମୟରେ ଆପଣଙ୍କଠାରୁ ଶୁଣିବାକୁ ମିଳିଥିଲା ।

ଆଜିର ଏହି ମହାର୍ଘ ମୁହୂର୍ତ୍ତରେ ପଂଚାୟତ ନୋଡ଼ାଲ ଉଚ୍ଚବିଦ୍ୟାଳୟର **ସୁବର୍ଣ୍ଣ ଜୟନ୍ତୀ-୨୦୨୫** ଅବସରରେ ଆପଣଙ୍କ ଭଳି ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରି ଆମେ ଗୌରାବାନ୍ୱିତ ମନେ କରୁଛୁ । ଜଗତରନାଥ ପରମ କାରୁଣିକ ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଚଲାପଥକୁ କୁସୁମିତ କରନ୍ତୁ ଏହା ହିଁ ଆମ୍ଭର ପ୍ରାର୍ଥନା ।


ବନ୍ଦେ ଉତ୍କଳ ଜନନୀ, ଜୟ ଜଗନ୍ନାଥ ।

ସଭାପତି | ମୁଖ୍ୟ ଅତିଥି | ସମ୍ପାଦକ

# ପଞ୍ଚାୟତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ଜୟନଗର

## ସୁବର୍ଣ୍ଣ ଜୟନ୍ତୀ ସମାରୋହ-୨୦୨୫

## ମାନପତ୍ର



### ସମ୍ମାନନୀୟ ଗୁରୁଦେବ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ପାତ୍ର ମହୋଦୟ

ଗ୍ରାମ-ସିଳପୋଖରୀ, ଜୟନଗର, ଜିଲ୍ଲା : କେନ୍ଦ୍ରାପଡ଼ା, ଓଡ଼ିଶା

ମାନନୀୟ ଗୁରୁଦେବ,

ଆପଣଙ୍କର ମାର୍ଜିତ ଆଚାର, ବିଚାର, ବ୍ୟବହାର ଏ ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନ ଆପଣଙ୍କୁ ଆଣିଦେଇଛି । ୧୯୫୦ ମସିହା ଅଗଷ୍ଟ ୨୯ ତାରିଖ କେନ୍ଦ୍ରାପଡ଼ା ଜିଲ୍ଲା ଜୟନଗର ପଞ୍ଚାୟତ ଅନ୍ତର୍ଗତ ସିଳପୋଖରୀ ଗ୍ରାମରରେ ଆପଣଙ୍କ ଜନ୍ମ । ଶିକ୍ଷାଦାନ କରିବାରେ ଆପଣଙ୍କୁ ମିଳେ ପରମତୃପ୍ତି । ଅନ୍ୟ ଏକ ବିଦ୍ୟାଳୟରେ ସ୍ଥାୟୀ ନିଯୁକ୍ତି ପରେ ବି ପଂଚାୟତ ନୋଡ଼ାଲ ଉଚ୍ଚବିଦ୍ୟାଳୟର ଅଭ୍ୟୁଦୟ ସମୟରେ ଆପଣ ସ୍ଥିର ରହିପାରି ନଥିଲେ । ଶିକ୍ଷାର ଭାବଧାରାକୁ ଆଉ ପାଦେ ଆଗକୁ ବଢ଼ାଇବା ପାଇଁ ଆପଣ ସମୟ ବାହାର କରି ପଂଚାୟତ ନୋଡ଼ାଲ ଉଚ୍ଚବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରି ନିଜର ମହନୀୟତାର ପରିଚୟ ଦେଇଥିଲେ । ଏକାଧାରାରେ ଶିକ୍ଷା, ସାହିତ୍ୟ, କଳା, ସମାଜସେବା କ୍ଷେତ୍ରରେ ଆପଣଙ୍କର ସଂପୃକ୍ତି ଆପଣଙ୍କ ଜୀବନଧାରାକୁ କରିଛି ଦୀପ୍ତିମନ୍ତ । ସାମାଜିକ ଉତ୍ଥାନ ନିମନ୍ତେ ଆପଣଙ୍କ ଶାଶ୍ୱତ, ବିମଳ, ଅମ୍ଲାନ, ସୁଶିତଳ ଚିନ୍ତା ଓ ଚେତନା ଆଗାମୀ ପିଢୀ ପାଇଁ ବତୀଘର ସଦୃଶ । ଜଣେ ଛାତ୍ରବତ୍ସଳ ଶିକ୍ଷକଭାବେ ଆପଣ ଖୁବ୍ ପରିଚିତ । ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ଧର୍ମକୁ ନେଇ ସ୍ୱଚିନ୍ତା ଏକାଗ୍ରତା ନିଷ୍ଠା, ସମୟାନୁର୍ତ୍ତିତା ପରିଶ୍ରମ ଦ୍ୱାରା ଅଧ୍ୟୟନ କରି ତାକୁ ନିଜସ୍ୱ ଉଦ୍ୟମରେ ସମାଜର ମଙ୍ଗଳ ସାଧନ କରିବା ପାଇଁ ଆପଣ ଅହରହ ଉଦ୍ୟମ କରିଆସିଛନ୍ତି । ଆପଣଙ୍କର ଜ୍ଞାନର ରଶ୍ମୀ ଚତୁଃପାର୍ଶ୍ୱରେ ବିକ୍ଷିପ୍ତ ତଥା ଉଦ୍‌ଭାସିତ,ପୁଲକିତ ହୋଇଥାଏ । ସର୍ବଦା ସରଳ, ନିରାଡମ୍ବର ଜୀବନଯାପନ ଆପଣଙ୍କର ଅନ୍ୟତମ ପରିଚୟ ।

ଆଜିର ଏହି ମହାର୍ଘ ମୁହୂର୍ତ୍ତରେ ପଂଚାୟତ ନୋଡ଼ାଲ ଉଚ୍ଚବିଦ୍ୟାଳୟର **ସୁବର୍ଣ୍ଣ ଜୟନ୍ତୀ-୨୦୨୫** ଅବସରରେ ଆପଣଙ୍କ ଭଳି ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରି ଆମେ ଗୌରାବାନ୍ୱିତ ମନେ କରୁଛୁ । ଜଗତରନାଥ ପରମ କାରୁଣିକ ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଚଲାପଥକୁ କୁସୁମିତ କରନ୍ତୁ ଏହା ହିଁ ଆନ୍ତର ପ୍ରାର୍ଥନା ।

ବନ୍ଦେ ଉତ୍କଳ ଜନନୀ, ଜୟ ଜଗନ୍ନାଥ ।

| | | |
|---|---|---|
| ସଭାପତି | ମୁଖ୍ୟ ଅତିଥି | ସମ୍ପାଦକ |

# ପଞ୍ଚାୟତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ଜୟନଗର

ସା ବିद्या या विमुक्तये

## ସୁବର୍ଣ୍ଣ ଜୟନ୍ତୀ ସମାରୋହ-୨୦୨୫

## ମାନପତ୍ର



### ସମ୍ମାନନୀୟ ଗୁରୁଦେବ ଶ୍ରୀଯୁକ୍ତ ଅଶୋକ ରାଉତରାୟ ମହୋଦୟ

ପ୍ରଧାନ ଶିକ୍ଷକ, ପଂଚାୟତ ନୋଡ଼ାଲ ଉଚ୍ଚବିଦ୍ୟାଳୟ, ଜୟନଗର, ରାଜକନିକା, ଜି- କେନ୍ଦ୍ରାପଡ଼ା, ଓଡ଼ିଶା

ମାନନୀୟ ଗୁରୁଦେବ,

ରାଜ୍ୟରେ ଶିକ୍ଷା ଦିଗରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ଆପଣଙ୍କର ଅତୁଳନୀୟ ଅବଦାନ ପ୍ରଶଂସନୀୟ । ଆପଣଙ୍କ ଅପୂର୍ବ ଶିକ୍ଷାଦାନ ପ୍ରଣାଳୀରେ ଅଗଣିତ ଛାତ୍ରୀଛାତ୍ର ଅନୁପ୍ରାଣିତ । ଆପଣଙ୍କ ଆନ୍ତରିକ ପ୍ରେରଣା ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳିତ କରି ସର୍ବୋତ୍ତମ ସୋପାନରେ ଉପନୀତ କରାଇବାରେ ସହାୟକ ହୋଇପାରିଛି । ସନ ୨୦୨୧ ମସିହା ଜାନୁଆରୀ ୧ ତାରିଖରରେ ଆପଣ ପଂଚାୟତ ନୋଡ଼ାଲ ଉଚ୍ଚବିଦ୍ୟାଳୟରେ ଯୋଗ ଦେଇ ଏହି ବିଦ୍ୟାପୁରୀକୁ ଏକ ଅପୂର୍ବ ସୋପାନରେ ପହଞ୍ଚାଇପାରିଛନ୍ତି । ଆପଣଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱର ଭାର ଆଗରେ ସମସ୍ତେ ନତମସ୍ତକ । ବିଦ୍ୟାଳୟର ଆତ୍ମିକ ଓ ଆଙ୍ଗିକ ଉନ୍ନତି ପାଇଁ ଆପଣଙ୍କ ଅବଦାନ ଅତୁଳନୀୟ । ଶାଶ୍ୱତ, ମାର୍ଜିତ ଓ ବୁଦ୍ଧିମନ୍ତ ଶିକ୍ଷାଦାନରେ ଆପଣଙ୍କର ଭୂମିକା ଅଭିନନ୍ଦନୀୟ । ସାମାଜିକ ଉତ୍‌ଥାନ ନିମନ୍ତେ ଆପଣଙ୍କ ଶାଶ୍ୱତ, ବିମଳ, ଅମ୍ଳାନ, ସୁଶିତଳ ଚିନ୍ତା ଓ ଚେତନା ଆଗାମୀ ପିଢୀ ପାଇଁ ବତୀଘର ସଦୃଶ । ଶିକ୍ଷକତା ଓ ସମାଜସେବାକୁ ପାଥେୟ କରି ନିଜ ଛାତ୍ରଛାତ୍ରୀଙ୍କ ଚଲାପଥକୁ ପୁଷ୍ପିତ କରିବା ସହ ସମାଜ ପାଇଁ ଏକ ନୂତନ ପଥ ପ୍ରଦର୍ଶକ ସାଜି ପାରିଛନ୍ତି ।

ଆଜିର ଏହି ମହାର୍ଘ ମୁହୂର୍ତ୍ତରେ ପଂଚାୟତ ନୋଡ଼ାଲ ଉଚ୍ଚବିଦ୍ୟାଳୟର **ସୁବର୍ଣ୍ଣ ଜୟନ୍ତୀ-୨୦୨୫** ଅବସରରେ ଆପଣଙ୍କ ଭଳି ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରି ଆମେ ଗୌରାବାନ୍ୱିତ ମନେ କରୁଛୁ । ଜଗତରନାଥ ପରମ କାରୁଣିକ ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଚଲାପଥକୁ କୁସୁମିତ କରନ୍ତୁ ଏହା ହିଁ ଆମ୍ଭର ପ୍ରାର୍ଥନା ।

ବନ୍ଦେ ଉତ୍କଳ ଜନନୀ, ଜୟ ଜଗନ୍ନାଥ ।

ସା विद्या या विमुक्तये

| ସଭାପତି | ମୁଖ୍ୟ ଅତିଥି | ସମ୍ପାଦକ |
|---|---|---|

# ପଞ୍ଚାୟତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ଜୟନଗର

## ସୁବର୍ଣ୍ଣ ଜୟନ୍ତୀ ସମାରୋହ-୨୦୨୫

## ମାନପତ୍ର



**ସମ୍ମାନନୀୟ ଗୁରୁଦେବ ଶ୍ରୀଯୁକ୍ତ ବିଶ୍ୱନାଥ ନାୟକ ମହୋଦୟ**

ଗ୍ରାମ-ତରାସ, ରାଜକନିକା, ଜିଲ୍ଲା : କେନ୍ଦ୍ରାପଡ଼ା, ଓଡ଼ିଶା

ମାନନୀୟ ଗୁରୁଦେବ,

ମାନବୀୟ, ଧାର୍ମିକ ଓ ସାହିତ୍ୟିକ ଚେତନା ଆପଣଙ୍କୁ ଏକ ବହୁମୁଖୀ ପ୍ରତିଭାର ସମ୍ମାନ ଦେଇଛି । ବହୁ ପୁରସ୍କାର ଓ ସମ୍ମାନପ୍ରାପ୍ତ କରିଥିଲେ ମଧ୍ୟ ଅହଂକାର ବିବର୍ଜିତ ବ୍ୟକ୍ତିତ୍ୱର ପ୍ରତିଫଳନ ଆପଣଙ୍କ ମାଧ୍ୟମରେ ଦେଖାଯାଇଥାଏ । ସର୍ବଦା ସରଳ, ନିରାଡମ୍ବର ଜୀବନଯାପନ ଆପଣଙ୍କ ବ୍ୟକ୍ତିତ୍ୱରେ ପ୍ରତିଫଳିତ ହୋଇଥାଏ । ଏକାଧାରାରେ ଶିକ୍ଷା, ସାହିତ୍ୟ, କଳା ଓ ସମାଜସେବା କ୍ଷେତ୍ରରେ ଆପଣଙ୍କ ସଂପୃକ୍ତି ଆପଣଙ୍କ ଜୀବନଧାରାକୁ କରିଛି ଦୀପ୍ତିମନ୍ତ । ସନ ୧୯୯୩ ମସିହା ଅକ୍ଟୋବର ୧୦ ତାରିଖରେ ପଂଚାୟତ ନୋଡ଼ାଲ ଉଚ୍ଚବିଦ୍ୟାଳୟରରେ ଆପଣ ଯୋଗଦେଇ ଏହି ପୂଣ୍ୟଭୂମିର ଗାରିମାକୁ ଦ୍ୱିଗୁଣିତ କରିବାରେ ସମସ୍ତ ଚେଷ୍ଟା ଓ ଉଦ୍ୟମ କରିଥିଲେ । ଯାହାକି ଆମ ସମସ୍ତଙ୍କ ପାଇଁ ଚିରଦିନ ପାଇଁ ମନେ ରଖିବ । ଆପଣଙ୍କ ଶିକ୍ଷା ଓ ଛାତ୍ର ଅନୁରାଗୀ ଚିନ୍ତା ଏବଂ ଅମାୟିକ ବ୍ୟବହାର ଆମମାନଙ୍କୁ ପ୍ରଲୁବ୍ଧ କରିଛି । ଆପଣଙ୍କ ପରି ସଦାଚାର କର୍ତ୍ତ୍ୟବ୍ୟନିଷ୍ଠ ବ୍ୟକ୍ତିତ୍ୱ ସତରେ ବିରଳ ।

ଆଜିର ଏହି ମହାର୍ଘ ମୁହୂର୍ତ୍ତରେ ପଂଚାୟତ ନୋଡ଼ାଲ ଉଚ୍ଚବିଦ୍ୟାଳୟର **ସୁବର୍ଣ୍ଣ ଜୟନ୍ତୀ-୨୦୨୫** ଅବସରରେ ଆପଣଙ୍କ ଭଳି ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରି ଆମେ ଗୌରାବାନ୍ୱିତ ମନେ କରୁଛୁ । ଜଗତରନାଥ ପରମ କାରୁଣିକ ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଚଲାପଥକୁ କୁସୁମିତ କରନ୍ତୁ ଏହା ହିଁ ଆମ୍ଭର ପ୍ରାର୍ଥନା ।

ବନ୍ଦେ ଉତ୍କଳ ଜନନୀ, ଜୟ ଜଗନ୍ନାଥ ।

ସଭାପତି | ମୁଖ୍ୟ ଅତିଥି | ସମ୍ପାଦକ

# ପଞ୍ଚାୟତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ବାଘମାରୀ

सा विद्या या विमुक्तये

ESTD-1974

## ସୁବର୍ଣ୍ଣ ଜୟନ୍ତୀ ସମାରୋହ-୨୦୨୫

## ମାନପତ୍ର



**ସମ୍ମାନନୀୟ ଗୁରୁଦେବ ଶ୍ରୀଯୁକ୍ତ ଦେବରାଜ ନାୟକ ମହୋଦୟ**

ରାଜକନିକା, ଜିଲ୍ଲା-କେନ୍ଦ୍ରାପଡ଼ା, ଓଡ଼ିଶା

ମାନନୀୟ ଗୁରୁଦେବ,

ଶିକ୍ଷା କ୍ଷେତ୍ରରେ ଆପଣଙ୍କ ଅବଦାନ ଅତୁଳନୀୟ । ଆପଣଙ୍କ ଭଳି ସତ୍ୟନିଷ୍ଠ, ସତ୍ୟାନୁରାଗୀ, ସତ୍ୟାଶ୍ରିତ ସାରସ୍ୱତ ସାଧକ ଓ ଶିକ୍ଷାବିତ୍ ଓଡ଼ିଶାରେ ବିରଳ । ସମାଜର ସବୁ ବର୍ଗର ଲୋକଙ୍କୁ ଆପଣାର କରି ବିକାଶ ସ୍ରୋତରେ ସାମିଲ କରିବା ଆପଣଙ୍କ ସେବା ମନୋବୃତ୍ତିକୁ କରିଛି ବହୁଗୁଣ ସୁସଂଗ । ଏତଦ୍‌ବ୍ୟତୀତ ବିଭିନ୍ନ ପ୍ରକାର ଜନମଙ୍ଗଳ କାର୍ଯ୍ୟକ୍ରମରେ ଭାଗ ନେଇ ସମାଜସେବାରେ ସ୍ୱକୀୟତାର ଛାପ ଛାଡ଼ିଛନ୍ତି । ଆପଣ ସନ ୧୯୯୦ ମସିହା ଅଗଷ୍ଟ ମାସ ୧୬ ତାରିଖରେ ପଂଚାୟତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ଯୋଗ ଦେଇ ସନ ୧୯୯୮ ମସିହା ମଇ ମାସ ୨୨ ତାରିଖ ପର୍ଯ୍ୟନ୍ତ ନିଜର ଦାୟିତ୍ୱ ତୁଲାଇ ଆସିଥିଲେ । ଏହି ଆଠ ବର୍ଷ ଥିଲା ବିଦ୍ୟାଳୟର ସୁବର୍ଣ୍ଣ ସମୟ । ଶିକ୍ଷାଦାନ ସମୟରେ ଛାତ୍ରଛାତ୍ରୀମାନଙ୍କ ଭିତରେ ଚାରିତ୍ରିକ ଗଠନ ଓ ପଠନଗତ ମନୋନିବେଶକୁ ସୁଲଳିତ, ସରଳ, ସୁନ୍ଦର କରିବା ନିମିତ୍ତ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଛନ୍ତି । ଆପଣଙ୍କ କର୍ତ୍ତବ୍ୟନିଷ୍ଠ କର୍ମାନୁରାଗ ବାତ୍ସଲ୍ୟତା ପାଇଁ ଶୈକ୍ଷିକ ଅବଧି ମଧ୍ୟରେ ଏକ ସ୍ୱତନ୍ତ୍ର ଆସନଟିଏ ପାଇପାରିଛନ୍ତି ।

ଆଜିର ଏହି ମହାର୍ଘ ମୁହୂର୍ତ୍ତରେ ପଂଚାୟତ ନୋଡ଼ାଲ ଉଚ୍ଚବିଦ୍ୟାଳୟର **ସୁବର୍ଣ୍ଣ ଜୟନ୍ତୀ-୨୦୨୫** ଅବସରରେ ଆପଣଙ୍କ ଭଳି ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରି ଆମେ ଗୌରାବାନ୍ୱିତ ମନେ କରୁଛୁ । ଜଗତରନାଥ ପରମ କାରୁଣିକ ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଚଲାପଥକୁ କୁସୁମିତ କରନ୍ତୁ ଏହା ହିଁ ଆମ୍ଭର ପ୍ରାର୍ଥନା ।

ବନ୍ଦେ ଉତ୍କଳ ଜନନୀ, ଜୟ ଜଗନ୍ନାଥ ।

| ସଭାପତି | ମୁଖ୍ୟ ଅତିଥି | ସମ୍ପାଦକ |
|---|---|---|

# ପଞ୍ଚାୟତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ଜୟନଗର

## ସୁବର୍ଣ୍ଣ ଜୟନ୍ତୀ ସମାରୋହ-୨୦୨୫

## ମାନପତ୍ର



## Respected Subash Chandra Nayak Sir

Bajarpur, Rajkanika, Dist-Kendrapara

**Respected Gurudev,**

Born on 12th October 1956 in the serene village of Bajarpur under Rajkanika block, Kendrapara, you embarked on a journey destined to illuminate countless minds. Joining Panchayat Nodal High School on 1st August 1978, you commenced a noble vocation that spanned an illustrious four and a half decades, culminating in your retirement on 31st October 2016.

Your life is a testament to unwavering dedication, profound wisdom and boundless compassion. A master sculptor of intellect and character, you wielded the English language not merely as a tool of communication but as a bridge to the world. Through your erudition, you transformed hesitant learners into eloquent speakers. Your classroom was more than a space of learning, it was a sanctuary of values. Beyond the pages of textbooks, you imbibed in us lessons of integrity, resilience and humility. Your composed demeanor, gentle encouragement and empathetic spirit made you not only our mentor but also a guiding light in life's labyrinth.

Today, as we stand on the threshold of this Golden Jubilee, we reflect on the indelible imprint of your teaching. Your dedication transcended the confines of duty, embodying a service to humanity. We bow in gratitude praying to Maa Basuli to bestow upon you her divine blessings. May your days ahead be adorned with good health, boundless joy and unmeasured fulfillment.

ସଭାପତି | ମୁଖ୍ୟ ଅତିଥି | ସମ୍ପାଦକ